# ଏପିସୋଡ ୩୯

## କୃଷି ଉପରେ ପ୍ରଭାବ

ମୂଳ ଲେଖା: ଅନୁରାଗ ଶର୍ମା

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର ଅଜିମ କୃଷି ବୈଜ୍ଞାନିକ ୫୦ ବର୍ଷ

ସାରିକା ପରିବେଶ ବିଜ୍ଞାନୀ ୫୦ ବର୍ଷ

ରାଜା ବରିଷ୍ଠ ସାମ୍ବାଦିକ ୫୦ ବର୍ଷ

ନରେନ କଲେଜ ଛାତ୍ର, ୨୧ ବର୍ଷ

(ବହୁତ ଲୋକ ହସୁଛନ୍ତି)

ରାଜା:ଆରେ ନରେନ, ତତେ କଲେଜ ଭୁଲ ପ୍ରକଳ୍ପ ଦେଇଛି। ଆଜି ଆମ ଘରକୁ ମୋ ସାଙ୍ଗ କୃଷିବିଜ୍ଞାନୀ ଅଜିମ ଏବଂ ପରିବେଶ ବିଜ୍ଞାନୀ ସାରିକା ଆସିଛନ୍ତି। କିନ୍ତୁ ମୁଁ ମାନିପାରୁନି ଯେ ବିଶ୍ୱ ଉଷ୍ମାୟନ ହେଉଛି ଆଉ ଏହାର ପ୍ରଭାବ କୃଷି ଉପରେ ପଡ଼ିବ।

ଅଜିମ: ଆରେ ରାଜା, ପ୍ରଭାବ ନିଶ୍ଚୟ ପଡ଼ିବ ଆଉ ପଡୁଛି ବି। ଭାରତ ବିଭିନ୍ନ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର କୃଷି ଉପରେ କି ପ୍ରଭାବ

ପଢୁଛି କହୁଛି।

ସାରିକା: ହଁ ଠିକ ହେବ। ତାହେଲେ ନରେନକୁ ବି ସ୍ପଷ୍ଟ ବୁଝିହେବ ଆଉ ବରିଷ୍ଠ ସାମ୍ବାଦିକ ରାଜା ବି କିଛି ବୁଝିବେ। (ହସୁଛନ୍ତି)

ରାଜା:ହଉ ଠିକ ଅଛି, ଅଜିମ ତମେ କିଛି ତଥ୍ୟ ଆଧାରିତ କହିବ...

ସାରିକା: ଆଉ କ'ଣ, ଏବେ ଯାଏଁ କ'ଣ ସବୁ ପବନରେ ଉଡୁଥିଲା...

ନରେନ: ଅବଶ୍ୟ ଜଳବାୟୁ ପରିବର୍ତ୍ତନ ତ ବାୟୁରେ ହିଁ ହେଉଛି। ଯଦି ହେଉଛି ତାହେଲେ... (ହସୁଛନ୍ତି)

ରାଜା:ଆରେ ବାଃ ନରେନ, କି କଥା କହିଲୁ... ସବୁକିଛି ପବନରେ ଚାଲୁଛି... ତାହେଲେ ଅଜିମ କିଛି ମାଟି ଉପର କଥା ବି କୁହ।

ଅଜିମ: ଆରେ କିଛି ଶୁଣ ତ ଆଗ। ହଁ ପ୍ରଥମେ ଭାରତର ଅର୍ଦ୍ଧଶୁଷ୍କ ପରିସ୍ଥିତିକୀ ଦେଶ ଅର୍ଥାତ ଗୁଜରାଟ, ଉତ୍ତର ଅଞ୍ଚଳ. ମଧ୍ୟ ପାର୍ବତୀୟ ଅଞ୍ଚଳ ବା ମାଳବ ଅଞ୍ଚଳ, ଏବଂ ରୟାଲସୀମା ଅଞ୍ଚଳ ଭାରତର ଅର୍ଦ୍ଧଶୁଷ୍କ ଅଞ୍ଚଳ।

ସାରିକା: ଏଥିରେ ମହାରାଷ୍ଟ୍ରର ଅଧିକାଂଶ ମଧ୍ୟ ଏବଂ ପଶ୍ଚିମି ଭାଗ, କର୍ଣ୍ଣାଟକର ଉତ୍ତର ଭାଗ ଏବଂ ଆନ୍ଧ୍ର ପ୍ରଦେଶର ପଶ୍ଚିମ ଭାଗ ସାମିଲ। ପାରମ୍ପରିକ ଭାବରେ ଏହା ବର୍ଷା ଆଧାରିତ।

ରାଜା:ଯଦି ଭୂଗୋଳ ପଢ଼େଇବା କଥା ତାହେଲେ ମୁଁ ବି କିଛି ଯୋଡ଼ି ଦେଉଛି। ହଁ ନରେନ, ଏସବୁ ଅଞ୍ଚଳରେ ଅଲଗା ଅଲଗା ପାଣିପାଗ ଥାଏ। କିଛି ଅଞ୍ଚଳରେ ଗରମ, ଆର୍ଦ୍ର ଗ୍ରୀଷ୍ମ ଋତୁ ହୁଏ। ଆଉ ଶୁଖିଲା

ଶୀତଦିନ। ଆଉ କିଛି ଅଞ୍ଚଳରେ ଗରମ ଦିନରେ ଶୁଷ୍କ ଏବଂ ଶୀତଦିନେ ବହୁତ ଥଣ୍ଡା ହୁଏ।

ଅଜିମ: ଆରେ ବାଃ ଆମ ସାମ୍ବାଦିକଙ୍କୁ କିଛି ଭୂଗୋଳ ଜଣା। ଏବେ ତମେ ଶୁଣ...। ତାପମାତ୍ରା ବଢ଼ିବାରୁ ପଶ୍ଚିମ ଭାରତର ଅର୍ଦ୍ଧଶୁଷ୍କ ଅଞ୍ଚଳରେ ଅତ୍ୟଧିକ ବର୍ଷା ହେବାର ଅନୁମାନ କରାଯାଉଛି। ମଧ୍ୟ ଅଞ୍ଚଳରେ ଶୀତଦିନେ ହେବାକୁ ଥିବା ବର୍ଷାରେ ୨୦୫୦ ବେଳକୁ ଶତକଡ଼ା ୧୦ରୁ ୨୦ ଭାଗ କମିଯିବାର ସମ୍ଭାବନା ରହିଛି।

ସାରିକା: ଠିକ କହିଛ ଅଜିମ। ଉତ୍ତର ଭାରତରେ ଚଳିତ ଶତାବ୍ଦୀର ଶେଷ ଆଡ଼କୁ ଭୂ ତାପମାତ୍ରା ୩.୫ରୁ ୫ ଡିଗ୍ରୀ ସେଲସିଅସ ବଢ଼ିପାରେ। ଆନନ୍ଦ କୃଷି ବିଶ୍ୱବିଦ୍ୟାଳୟର କୃଷି ପାଣିପାଗ ବିଭାଗ ମତରେ ବଢୁଥିବା ତାପମାତ୍ରା ଏବଂ ଅଙ୍ଗାରକାମ୍ଳର ସାନ୍ଦ୍ରତା ବଢ଼ିବା ଯୋଗୁ ରାଜ୍ୟରେ ଗହମ ଆଉ ମକା ଅମଳରେ ଏବେଠାରୁ ଫରକ ଦେଖିବାକୁ ମିଳିଲାଣି।

ଅଜିମ: ଯେଉଁ ଜାଗାରେ ଜଳସେଚନର ସୁବିଧା ରହିଛି ସେ ଜାଗାରେ ଧାନ ଆଉ ଆଖୁ ଉତ୍ପାଦନ କରାଯାଉଛି। ବୁନ୍ଦେଲଖଣ୍ଡ ଭଳି ମଧ୍ୟ ପାହାଡ଼ି କ୍ଷେତ୍ରର କିଛି ଅଞ୍ଚଳରେ ଚାଷଜମିର ଶତକଡ଼ା ୨୫ ଭାଗରୁ ବି କମ୍ ଜମିରେ ଜଳସେଚନର ସୁବିଧା ରହିଛି। ଜଳବାୟୁ ପରିବର୍ତ୍ତନର ଆଉ ଗୋଟିଏ ପ୍ରଭାବ ଦେଖିବାକୁ ମିଳିପାରେ, ବାତ୍ୟା ଭଳି ପାଣିପାଗ ସମ୍ବନ୍ଧୀୟ ଘଟଣା ବାରମ୍ବାର ହେବା ଆଉ ତା'ର ତୀବ୍ରତା ବହୁତ ରହିବା।

ନରେନ: ଆଚ୍ଛା, ଯେମିତି ଓଡ଼ିଶାର ଫନି ମହାବାତ୍ୟା...

ସାରିକା: ହଁ ନରେନ। ଆଉ ଏସବୁ ବାତ୍ୟାର ଶକ୍ତିର ଉତ୍ସ ଜଳୀୟବାଷ୍ପ ହୋଇଥାଏ। ଗରମ ଯେତେ ଯେତେ ବଢ଼େ ଅଧିକ ପାଣି ଗରମ ହୁଏ ଏବଂ ଅଧିକ ଜଳୀୟବାଷ୍ପ।  ଫଳରେ ଫନି ଭଳି ପ୍ରଚଣ୍ଡ ବାତ୍ୟା। ଏହା ଫଳରେ ଚାଷରେ କେତେ କ୍ଷତି ହୋଇଛି ତା'ର ଅନୁମାନ ତ ଏଯାଏଁ ଲଗାଯାଇ ପାରିନାହିଁ। କିନ୍ତୁ ତା'ର ଓଲଟା ଘଟଣା ଏବଂ ତା ସହିତ ଘନ ଜନବସତି ଆଉ ପରିବେଶ ନଷ୍ଟ ହେବା ଯୋଗୁ ଭାରତୀୟ ଗାଙ୍ଗେୟ ଅଞ୍ଚଳ ଅତି ସମ୍ବେଦନଶୀଳ ହୋଇଯାଉଛି।

ଅଜିମ:  ଯେଉଁ ଅଞ୍ଚଳରେ ଜୋର ତୋଫାନ ବି ଆସେନାହିଁ, ସେଠି ବି ଜଳବାୟୁ ପରିବର୍ତ୍ତନର ପ୍ରଭାବ ଭାବରେ ମାଟି କ୍ଷୟ ହୋଇପାରେ, ବନ୍ୟା ଆସିପାରେ। ପ୍ରାକୃତିକ ଆବାସ ନଷ୍ଟ ହେବା ଯୋଗୁ ଜୈବବିବିଧତା ତ ନଷ୍ଟ ହେବ, ଏଥିରେ ଚାରା, ଏବଂ ଖାଦ୍ୟ ଫସଲ ଏବଂ ଅନ୍ୟ ଗଛ ବି ରହିଛି।

ସାରିକା: ସମୁଦ୍ର ପତନ ବଢୁଛି। ନଈ ମୁହାଣ, ତ୍ରିକୋଣଭୂମି ଏବଂ ଅପ୍ରବାହୀ ଜଳରେ ଲୁଣି ଅଂଶ ବଢୁଛି। ଫଳରେ ଜଳସେଚନ  ପାଇଁ ଉପଲବ୍ଧ ଜଳ ଲୁଣିଆ ହୋଇଯିବ। ମତ୍ସ୍ୟଜୀବୀ ଆଉ କୃଷି ଉପରେ ନିର୍ଭର କରୁଥିବା ଲୋକଙ୍କର ଜୀବନଯାପନ ଉପରେ ବହୁତ ପ୍ରତିକୂଳ ପ୍ରଭାବ ପଡ଼ିବ।

ରାଜା:ସାରିକା, ଏ ତ କେବଳ ଅବଧାରଣା, କିଛି ବାସ୍ତବତା ଏଥିରେ ଅଛି କି?

ଅଜିମ:  ରାଜା, ଏସବୁ ବାସ୍ତବରେ ହେଉଛି। ବା ବହୁତ ଜଲ୍ଦି ହେବାକୁ ଯାଉଛି। ସବୁ ବାସ୍ତବତା। ଏବେ କଥା ହେବା ଶୁଷ୍କ କୃଷି ପରିସ୍ଥିତିକୀ

ପ୍ରଦେଶ ମାନେ ମରୁଭୂମି ଅଞ୍ଚଳ କଥା। ଜଳବାୟୁ ପରିବର୍ତ୍ତନ ଯୋଗୁ ମରୁଭୂମିର ଲୋକଙ୍କର ଜୀବନ ଆହୁରି ବି ସଙ୍କଟମୟ ହେବାକୁ ଯାଉଛି। ତାପମାତ୍ରା ବଢୁଛି ଆଉ ମଧୁର ଜଳର ଉପଲବ୍ଧତା କମୁଛି। ଯେତିକି ପାଣି ଉପଲବ୍ଧ ତା ବି ଦ୍ରୁତ ଗତିରେ ଲୁଣିଆ ବା ଖାରିଆ ହୋଇ ଯାଉଛି। ଏବେ ଏମିତି ହିଁ ହେଉଛି...

ସାରିକା: ଠିକ କହିଛ ଅଜିମ। ବିଶ୍ୱର ଅନ୍ୟ ମରୁଭୂମି ସମେତ ଭାରତର ମରୁଭୂମି ବି ଖାରିଆପଣ ବଢୁଥିବା ଯୋଗୁ କେବଳ ମରୁଭୂମି ବଢୁନି, ବରଂ ଭୂତଳ ଜଳ ବି କମୁଛି। ଉଦାହରଣ ସ୍ୱରୂପ, ୨୦୦୬ ମସିହା ଅଗଷ୍ଟ ମାସରେ ଥର ମରୁଭୂମିରେ ଅସାଧାରଣ ବନ୍ୟା ଆସିଥିଲା। ମରୁଭୂମିରେ ଅତ୍ୟଧିକ ବର୍ଷା ସେଠିକା ପରିସ୍ଥିତିକୀକୁ ନଷ୍ଟ ତ କରୁଛି, ତା ସହିତ ଯେଉଁ ଲୋକମାନେ କମ୍ ପାଣିରେ ବଞ୍ଚିବା ପାଇଁ ନିଜ ଜୀବନକୁ ଗଢ଼ିଛନ୍ତି ସେମାନଙ୍କ ପାଇଁ ବି ବହୁତ ଅସୁବିଧା ହେଉଛି।

ନରେନ: ଓହୋ! ତାହେଲେ ସାରିକା ଆଣ୍ଟି, ତା ମାନେ ମରୁଭୂମି ଅଞ୍ଚଳରେ ିସାଧାରଣ ବର୍ଷା ବି ବହୁତ କ୍ଷତିକାରକ ହୋଇଯାଏ, ଯେମିତି ବର୍ଷା ହେଉଥିବା ଅଞ୍ଚଳରେ ମରୁଡ଼ି ପଡ଼ିଲେ ହୁଏ...

ସାରିକା: ପୂରା ଠିକ କହିଛ ନରେନ। ପ୍ରକୃତିର ଯେଉଁ ଜାଗା ଯେଉଁଠି ସୃଷ୍ଟି ହୋଇଛି ସେସବୁ ସେଠିକାର ଜଳବାୟୁ ଅନୁସାରେ ହୋଇଛି, ସେଇ ଅନୁସାରେ ସେଠି ଜୀବନ ବିକଶିତ ହୋଇଛି, ଆଉ ଯଦି ଏଥିରେ ସାମାନ୍ୟ ବି ଏପଟସେପଟ ହୋଇଯାଏ ତାହେଲେ ଜୀବନ ସଙ୍କଟରେ ପଡ଼ିଯିବ...

ଅଜିମ: ଏବେ ଦେଖ, ବାଡମେର ଆଉ ପଶ୍ଚିମ ରାଜସ୍ଥାନର ଅନ୍ୟ ଅଞ୍ଚଳରେ ଅସାଧାରଣ ବନ୍ୟା ଯୋଗୁ ପାଣିର ଉପଲବ୍ଧତା ବଢ଼ିଗଲା। ଫଳରେ ମରୁଭୂମି ପରିସ୍ଥିତିକୀରେ ପରିବର୍ତ୍ତନ ଆସିଯିବ। ବନ୍ୟା ଯୋଗୁ ତିନୋଟି ବଡ଼ ହ୍ରଦ ସୃଷ୍ଟି ହୋଇଛି। ଏସବୁ କାବାସ, ମାଲୱା ଏବଂ ଉତ୍ତରଲାଇରେ ପ୍ରାୟ ୭ରୁ ୮ ବର୍ଗକିଲୋମିଟର ଅଞ୍ଚଳ ବ୍ୟାପୀ ରହିଛି। ଏତିନୋଟି ଯାକ ଅଞ୍ଚଳ ବାଡମେର ଜିଲାରେ...

ସାରିକା: ମରୁଭୂମିରେ ବର୍ଷା କ୍ଷତିକାରକ ହେବାର ଆଉ କାରଣ ହେଉଛି, ବର୍ଷା ହେବାରୁ ବାଲିରେ ଥିବା ଲବଣ ଅଂଶ ବି ପାଣିରେ ବୋହିଯାଏ ଏବଂ ପାଣି ଖାରିଆ ହୋଇଯାଏ। ଫଳରେ ଏ ପାଣି ଜଳସେଚନ ବା ମଣିଷ ବ୍ୟବହାର ଯୋଗ୍ୟ ହୋଇ ରହେନାହିଁ।

ରାଜା:ହୁଁ... ହଉ ଏବେ ଅନ୍ୟ ଅଞ୍ଚଳ ଉପରେ ବି ଆଲୋଚନା କରାଯାଉ।

ସାରିକା: ଆଚ୍ଛା!! ମନେହେଉଛି ସାମ୍ବାଦିକ ରାଜାଙ୍କୁ ବି ଆଲୋଚନା ମଜା ଲାଗୁଛି।

ଅଜିମ: ସାରିକା, ସାମ୍ବାଦିକ ନୁହେଁ, ବରିଷ୍ଠ ସାମ୍ବାଦିକ... (ହସୁଛନ୍ତି)

ଅଜିମ: ପରବର୍ତ୍ତୀ ଅଞ୍ଚଳ ହେଉଛି ଗ୍ରୀଷ୍ମମଣ୍ଡଳୀୟ ଆର୍ଦ୍ର ଏବଂ ଶୁଷ୍କ କୃଷି ପରିସ୍ଥିତିକୀ ରାଜ୍ୟ। ଏଥିରେ କନ୍ୟାକୁମାରୀର ଦକ୍ଷିଣ-ପୂର୍ବ ଉପକୂଳ ଅଞ୍ଚଳରୁ ଗାଙ୍ଗେୟ ତ୍ରିକୋଣଭୂମି ଯାଏଁ ଅଞ୍ଚଳ ସାମିଲ। ଖରିଫ ଆଉ ରବି ଉଭୟରେ ଧାନ ମୁଖ୍ୟ ଫସଲ ହୋଇଥାଏ। ଧାନ କଟା ହେବା ପରେ ମାଟିରେ ଆର୍ଦ୍ରତା ଥିବାରୁ ଚଣା, ମସୁର ଆଦି ଡାଲି, ସୂର୍ଯ୍ୟମୁଖୀ,

ଚୀନାବାଦାମ ଭଳି ତୈଳବୀଜ ଆଦି ଚାଷ କରାଯାଏ। କୃଷି ଛଡ଼ା ଉପକୂଳ ଏବଂ ଖାରିଆ ପାଣିରେ ମାଛଚାଷ ଏ ଅଞ୍ଚଳର ପ୍ରମୁଖ ଜୀବିକା।

ସାରିକା: ଅନ୍ୟ କୃଷି ପରିସ୍ଥିତିକୀ ଭଳି ଏ କ୍ଷେତ୍ର ବି ଜଳବାୟୁ ପରିବର୍ତ୍ତନ ପ୍ରତି ବହୁତ ସମ୍ବେଦନଶୀଳ। ଉଦାହରଣ ସ୍ୱରୂପ, ଓଡ଼ିଶାରେ ଗତ ଦୁଇ ଦଶକ ଭିତରେ ସମୁଦ୍ର ପାଣି ସ୍ଥଳଭାଗ ଭିତରକୁ ପ୍ରାୟ ୨.୫ କିଲୋମିଟର ମାଡ଼ି ଆସିଲାଣି। ବିଶେଷ କରି ସାତଭାୟା ଅଞ୍ଚଳ। ଏଥିରେ ୬୦୦ରୁ ଅଧିକ ପରିବାର ଏବଂ ଜୀବିକା ପ୍ରତି ନକାରାତ୍ମକ ପ୍ରଭାବ ପଡୁଛି।

ଅଜିମ: ହଁ ସାରିକା, ଏହି ପୂର୍ବ ଉପକୂଳ ଏବଂ ଭିତର ଅଞ୍ଚଳରେ ବର୍ଷାର ପୂର୍ବାନୁମାନ ଲଗାଇବା ବହୁତ ମୁସ୍କିଲ ହୋଇ ପଡୁଛି। ପ୍ରମାଣ ଭାବରେ ଏହି କଥା ଉପରେ ଧ୍ୟାନ ଦିଆଯାଇପାରେ ଯେ, ଗତ ୨୫ ବର୍ଷ ଭିତରେ ମାତ୍ର ସାତ ବର୍ଷ ସାଧାରଣ ବର୍ଷା ହୋଇଛି। ବାକି ୧୮ ବର୍ଷରେ ମୌସୁମୀ କମ୍ ହୋଇଛି ବା ଡେରିରେ ଆସିଛି। ଫଳରେ ଧାନ ଉତ୍ପାଦନରେ ବହୁତ ପରିବର୍ତ୍ତନ ଆସିଛି।

ରାଜା:ହଁ ଏହାଛଡ଼ା, ଆଗରୁ ଯେଉଁଠି ମରୁଡ଼ି ପଡୁଥିଲା ସେଠି ଏବେ ଜଳର ପ୍ରବଳତା ଗୋଟିଏ ସମସ୍ୟା ହୋଇଛି। ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ବରଗଡ଼ ଏବଂ ଝାରସୁଗୁଡ଼ା ଭଳି ଶୁଷ୍କ ଜିଲାରେ ଗତ ଦୁଇ ଦଶକ ଭିତରେ ବାରମ୍ବାର ବନ୍ୟା ଆସୁଛି। ଉପକୂଳ ଅଞ୍ଚଳରେ ସବୁବେଳେ ଅତ୍ୟଧିକ ଗରମ ଅନୁଭୂତ ହେଉଛି।

ଅଜିମ: ଆରେ ବାଃ, କ'ଣ ନ ହେଲା!! ବରିଷ୍ଠ ସାମ୍ବାଦିକ ରାଜା ମହାଶୟ ବି ଏବେ ଠିକ ଦିଗରେ ଯାଉଛନ୍ତି, ଅବଧାରଣା ବଦଳରେ ନିଜେ ବାସ୍ତବତା ବତାଉଛନ୍ତି। ପ୍ରକୃତରେ ଦେଶ ବଦଳୁଛି। (ହସୁଛନ୍ତି)

ସାରିକା: ଠିକ କହିଛ। କେବଳ ବିରୋଧ କରିବା ପାଇଁ ବିରୋଧ କଲେ ଚଳିବନି। ବିଶ୍ୱ ଉଷ୍ମାୟନ ଯୋଗୁ ଜଳବାୟୁ ପରିବର୍ତ୍ତନ ହେଉଥିବା କଥା ଏବେ ବୁଝିବାକୁ ହେବ ଏବଂ ସମାଧାନ ଖୋଜିବାକୁ ହେବ।

ଅଜିମ: ଏବେ ଚାଲ ଅନ୍ୟ କ୍ଷେତ୍ର ଦେଖିବା। ନଈ ତ୍ରିକୋଣଭୂମି, ଉପକୂଳ ଅଞ୍ଚଳ ଏବଂ ହେନ୍ତାଳ ବଣ। ଜଳବାୟୁ ପରିବର୍ତ୍ତନ ଯୋଗୁ ଯେଉଁ ଅଞ୍ଚଳ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ସେ ହେଉଛି ଭାରତ ଭଳି ଗ୍ରୀଷ୍ମମଣ୍ଡଳୀୟ ଦେଶର ଉପକୂଳ ଅଞ୍ଚଳ।

ନରେନ: ଆମ ପ୍ରଫେସର କହିଥିଲେ ଯେ ନଈ ତ୍ରିକୋଣଭୂମି ତ ଆଗରୁ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସହୁଛି, ଆଗରୁ ଏହି କୁପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଗଙ୍ଗା, ବ୍ରହ୍ମପୁତ୍ର ନଈର ମୁହାଣରେ ଥିବା ସୁନ୍ଦରବନରେ ଏହି ପ୍ରଭାବ ଆଗରୁ ଦେଖାଯାଉଛି।

ସାରିକା: ତମ ପ୍ରଫେସର ପୂରାପୂରି ଠିକ କହିଛନ୍ତି ନରେନ। ସାରା ବିଶ୍ୱ ଜାଣିଛି ଯେ ସୁନ୍ଦରବନ ଅନେକ ଗୁରୁତ୍ୱପୂର୍ଣ୍ଣ ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳ। ଏହା ସବୁଠାରୁ ବଡ଼ ହେନ୍ତାଳ ବଣ। ସୁନ୍ଦରବନର ସନ୍ତସନ୍ତିଆ ଆର୍ଦ୍ରଭୂମି ଅନେକ ଦିନରୁ ମୌସୁମୀ ମହାସାଗରୀୟ ସଂଚରଣ, ଜୁଆରଭଙ୍ଗା, ଲହଡ଼ି, ଜୋର ପବନ ଏବଂ ବାତ୍ୟା ତୋଫାନ ପ୍ରତି ଅତି ସମ୍ବେଦନଶୀଳ। ଏଥିରେ ଗୋଟିଏ ପଟେ ଦ୍ରୁତ ଗତିରେ ମୃତ୍ତିକାକ୍ଷୟ

ହେଉଛି ଏବଂ ଅନ୍ୟପଟେ ଲବଣ ଆଦି ଜମା ହୋଇ ଚାଲିଛି। ଏଥିପାଇଁ ସ୍ଥାନୀୟ ପରିସ୍ଥିତିକୀରେ ନିରନ୍ତର ପରିବର୍ତ୍ତନ ହୋଇ ଚାଲିଛି।

ଅଜିମ: ଜଳବାୟୁ ପରିବର୍ତ୍ତନ ଯୋଗୁ ଜଳବାୟୁରେ ଅନିଶ୍ଚିତତା ଏବଂ ଅତ୍ୟଧିକ ମାନବୀୟ ଗତିବିଧି ଯୋଗୁ ଏହି ଅଞ୍ଚଳରେ ପଡୁଥିବା ପ୍ରତିକୂଳ ପ୍ରଭାବ ଆହୁରି ବଢୁଛି। ସୁନ୍ଦରବନ ଆର୍ଦ୍ରଭୂମିର ସବୁଠାରୁ ସମ୍ବେଦନଶୀଳ ହେଉଛି ହେନ୍ତାଳ ବଣ।

ରାଜା:ହେନ୍ତାଳ ବଣର ଅବସ୍ଥା ତ ବାସ୍ତବରେ ବହୁତ ଖରାପ। ୨୦୦୪ ମସିହାରେ ଯେତେବେଳେ ସୁନାମୀ ଆସିସଥିଲା, ସେତେବେଳେ ମୁଁ ଖବରକାଗଜରେ ଲେଖିଥିଲି ଯେ ଯେଉଁଠି ସବୁ ହେନ୍ତାଳବଣ ଥିଲେ ସେଠି କେମିତି କ୍ଷତି କମ୍ ହୋଇଥିଲା, ଏବଂ ଯେଉଁଠି ହେନ୍ତାଳ ବଣ କଟା ହୋଇଯାଇଥିଲା ସେଥି ବହୁତ ଅଧିକ କ୍ଷତି ହୋଇଥିଲା।

ସାରିକା: ଏ କଥା ତ ପୂରା ଠିକ ରାଜା। ତାପମାତ୍ରା ଏବଂ ଅଙ୍ଗାରକାମ୍ଳ ସ୍ତରରେ ପରିବର୍ତ୍ତନ, ବର୍ଷାଚକ୍ରରେ ପରିବର୍ତ୍ତନ, ବାରମ୍ବାର ବାତ୍ୟା ତୋଫାନ ଆସିବା, ସମୁଦ୍ର ପତନ ବଢ଼ିବା ସିଧାସଳଖ ହେନ୍ତାଳବଣର କ୍ଷତି କରୁଛି। ପରିବେଶର ତାପମାତ୍ରା ୩୫ ଡିଗ୍ରୀ ସେଲସିଅସରୁ ଅଧିକ ହେବା ହେନ୍ତାଳ ବଣକୁ ପ୍ରଭାବିତ କରେ। କାରଣ ଏହି ତାପମାତ୍ରାରେ ନୂଆ ପତ୍ର ସୃଷ୍ଟି ହେବା ଅଟକିଯାଏ, ଫଳରେ ହେନ୍ତାଳ ବଣ କମିଯାଏ। ୩୮ ରୁ ୪୦ ଡିଗ୍ରୀ ତାପମାତ୍ରା ହେଲେ ହେନ୍ତାଳ ବଣରେ ଆଲୋକଶ୍ଳେଷଣ ବନ୍ଦ ହୋଇଯାଏ। ଫଳରେ ସେଗୁଡ଼ିକ ମରିବାକୁ ଆରମ୍ଭ କରେ। ଓଲଟା ଦିଗରେ ଯଦି ବହୁତ ଥଣ୍ଡା ପଡ଼େ, ଯାହାକୁ

ଜଳବାୟୁ ପରିବର୍ତ୍ତନରେ ସମ୍ଭବ, ତାହେଲେ ବି ଏଗୁଡ଼ିକ ପ୍ରଭାବିତ ହେବ।

ନରେନ: ସାରିକା ଆଣ୍ଟି, ଯଦି ବିଶ୍ୱ ଉଷ୍ମାୟନ ହେଉଛି, ତାପମାତ୍ରା ବଢ଼ୁଛି, ତାହେଲେ ଥଣ୍ଡା କେମିତି ବଢ଼ିବ?

ସାରିକା: ଏଇ କଥା ତ ବୁଝିବା ଦରକାର। ବାସ୍ତବରେ ଉଷ୍ମାୟନ ଯୋଗୁ ଚରମ ପାଣିପାଗ ଅହ୍ବାତ ତୀବ୍ର ମୌସୁମୀ ଘଟଣା ହେବ। ବର୍ଷା ହେଲେ କମ୍ ସମୟ ଭିତରେ ଅତ୍ୟଧିକ ବର୍ଷା ହେବ। ଗରମ ହେବ ତ ବହୁତ ଅଧିକ ଗରମ ଆଉ ଥଣ୍ଡା ବି ସେମିତି ବହୁତ ଅଧିକ ଥଣ୍ଡା ହେବ।

ଅଜିମ: ବର୍ଷା କମ୍ ହେଲେ ହେନ୍ତାଳ ଗଛ ଜନ୍ମ, ବିକାଶ ଏବଂ ପ୍ରଜନନ କମିଯିବାର ସମ୍ଭାବନା ରହିଛି। ତା ସହିତ ଏହାର ଭୌଗଳିକ ବିତରଣ ଏବଂ ଜୈବବିବିଧତା ଉପରେ ବି ପ୍ରଭାବ ପଡ଼ିବ। ସମୁଦ୍ର ଜଳସ୍ତର ବଢ଼ିବା ଯୋଗୁ ଧୀରେ ଧୀରେ ପୂରା ହେନ୍ତାଳ ବଣ ନଷ୍ଟ ହୋଇଯିବ।

ସାରିକା: କେବଳ ସୁନ୍ଦରବନ ଆଉ ସେଠିକା ହେନ୍ତାଳବଣ ଅସୁରକ୍ଷିତ, କିନ୍ତୁ ଭାରତ ଉପଦ୍ୱୀପର ଅନ୍ୟ ସ୍ଥାନର ହେନ୍ତାଳ ବଣ ଉପରେ ବି ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିବ। କୃଷ୍ଣା ନଦୀ ଜଳବାୟୁ ପରିବର୍ତ୍ତନ ପ୍ରତି ଅତିମାତ୍ରାରେ ସମ୍ବେଦନଶୀଳ ବୋଲି ଆକଳନ କରାଯାଇଛି। ଅବଶ୍ୟ ମହାନଦୀ, ଗୋଦାବରୀ ଆଉ କାବେରୀ ନଦୀ ଟିକିଏ କମ୍ ବିପଦରେ ଅଛନ୍ତି।

ଅଜିମ: ଠିକ କହିଛ ସାରିକା। ଏବେ ଯଦି ଜଙ୍ଗଲ ଅଞ୍ଚଳ କଥା କହିବା,

ଅନୁମାନ କରାଯାଉଛି ଯେ ଭାରତରେ ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ଜଙ୍ଗଲ ଅଧିକ ଆର୍ଦ୍ର ଜଙ୍ଗଲ ହୋଇଯିବ, କିନ୍ତୁ ଉତ୍ତର-ପଶ୍ଚିମ ପ୍ରଦେଶରେ ଜଙ୍ଗଲ ଶୁଷ୍କ ହୋଇଯିବ...

ରାଜା:ଆଁ... କାହିଁକି ଅଜିମ... ଏମିତି କାହିଁକି ହେବ?

ଅଜିମ: କାରଣ ଜଳବାୟୁ ପରିବର୍ତ୍ତନର ବର୍ତ୍ତମାନର ସ୍ଥିତି ଉପରେ ନଜର ପକାଇଲେ ଜଣାଯାଏ ଯେ ଅଙ୍ଗାରକାମ୍ଳର ସାନ୍ଦ୍ରତା ପ୍ରାୟ ୫୭୫ ପିପିଏମ ରୁ ୭୪୦ ପିପିଏମ ଯାଏଁ ପଢ଼ିବା ସମ୍ଭାବନା ଅଛି। ଏହା ଫଳରେ ଭାରତୀୟ ଜଙ୍ଗଲରେ ବଡ଼ ମାତ୍ରାରେ ପରିବର୍ତ୍ତନ ହେବ। ଏଥିରେ ଶତାବ୍ଦୀର ଶେଷ ବେଳକୁ ୮୦ ଭାଗ ଜଙ୍ଗଲ ପ୍ରଭାବିତ ହେବ। ଅଧାରୁ ଅଧିକ ଉଦ୍ଭିଦ ନିଜକୁ ନୂଆ ପରିବେଶରେ ଖାପ ଖୁଆଇବାରେ ଅସମର୍ଥ ହେବେ ଏବଂ ଲୋପ ପାଇଯିବେ...

ନରେନ: ମୁଁ ଏଠି କିଛି ତଥ୍ୟ ଦେଉଛି ଯେ ଅଙ୍ଗାରକାମ୍ଳ ସ୍ତର କଥା କହୁଛେ ତ ଏବେକା ସମୟରେ ୪୦୫ରୁ ୪୧୫ ପିପିଏମ ରହିଛି। ଗତ ୩୦ ଲକ୍ଷ ବର୍ଷ ଭିତରେ ଏହା ସବୁଠାରୁ ଅଧିକ। ତାହେଲେ ବାପା... ଅଁ... ମାନେ ବରିଷ୍ଠ ସାମ୍ବାଦିକ ମହାଶୟ, ଏବେ ତ ସବୁକିଛି ସାମନାରେ ରହିଛି।

ରାଜା:ଏତିକି ଶୁଣିବାକୁ ବାକି ଥିଲା। ମୋ ପୁଅ ମତେ ମୋ ନାଁ ଧରି ଡାକୁଛି। ଘୋର କଳିଯୁଗ... ହେ ବିଶ୍ୱ ଉଷ୍ମାୟନ ଏବେ ମତେ ନେଇଯା।

ନରେନ: ଆରେ ବାପା, ମୁଁ ତ କେବଳ ବରିଷ୍ଠ ସାମ୍ବାଦିକ କହିଲି... (ସମସ୍ତେ

ହସୁଛନ୍ତି)

ସାରିକା: ନାଟକ ବନ୍ଦ କର ରାଜା। ଯଦି ବିଶ୍ୱ ଉଷ୍ମାୟନ ଉଠେଇ ନେବ ତେବେ ତମକୁ ଏକା ନେବନାହିଁ, ଆମ ସମସ୍ତଙ୍କୁ ନେବ।

ଅଜିମ: ନରେନ, ତମକୁ ତ ବୁଝିବା ବହୁତ ଜରୁରୀ। ଏବେ ତ ପରିବେଶ ବିଜ୍ଞାନ ସ୍ନାତକ ଶ୍ରେଣୀ ଯାଏଁ ପଢ଼ାଯିବ। ଏବେ ବୁଝ, ଗଛଲତାମାନଙ୍କର ପ୍ୟାଟର୍ଣ୍ଣରେ ଜଳବାୟୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ, ତା ସହିତ ଜଙ୍ଗଲର ସଂରଚନା ଏବଂ ପରିତନ୍ତ୍ର ଉପରେ ବି ଏହାର ଗଭୀର ପ୍ରଭାବ ପଡ଼େ। ତା ମାନେ ନିର୍ଦ୍ଦିଷ୍ଟ ଗଛଲତା କିଛି ନିର୍ଦ୍ଦିଷ୍ଟ ଜଳବାୟୁ ସହ ଯୋଡ଼ା। ସେଥିପାଇଁ ଗଛଲତାର ପ୍ୟାଟର୍ଣ୍ଣ ବଦଳିଲେ ଜଙ୍ଗଲର ପରିସଂସ୍ଥା ବି ବଦଳି ଯାଇପାରେ। ଜଙ୍ଗଲର ଜୈବବିବିଧତା ଏବଂ ପ୍ରଜାତି ସଂଖ୍ୟା ବି ବଦଳିଯାଏ। ଜଙ୍ଗଲରୁ ନିଜର ଜୀବିକା ସଂଗ୍ରହ କରି ଚଳୁଥିବା ଲୋକମାନଙ୍କ ଉପରେ ଏହାର ବହୁତ କୁପ୍ରଭାବ ପଡ଼େ।

ରାଜା:ଗଛଲତାରେ ପରିବର୍ତ୍ତନ... ହୁଁ... ତାହେଲେ ତ ପୂରା କୃଷି ଉଜୁଡ଼ି ଯିବ...

ସାରିକା: ଠିକ କହିଛ ରାଜା। ଚାଷୀଭାଇମାନଙ୍କୁ ବି ବୁଝିବାକୁ ହେବ ଯେ ଅସଲ ଶତ୍ରୁ ବିଶ୍ୱ ଉଷ୍ମାୟନ, ସରକାରୀ ନୀତି ନୁହେଁ। ଉଷ୍ମାୟନ ସହ ଲଢ଼ିବା ପାଇଁ ଭାରତ ସରକାର ଯେତେ ପଦକ୍ଷେପ ନେଇଛନ୍ତି ଅନ୍ୟ କୌଣସି ଦେଶ ପ୍ରାୟ ନେଇ ନାହାନ୍ତି।

ଅଜିମ: ଏକଥା ତ ଠିକ, ଜଳବାୟୁ ପରିବର୍ତ୍ତନ ଯୋଗୁ କୃଷି ଏବଂ ଖାଦ୍ୟ

ଉତ୍ପାଦନ ଉପରେ ପଡୁଥିବା ପ୍ରଭାବ ବିଷୟରେ ସଠିକ ଅନୁମାନ ଲଗାଇବା ସହଜ ନୁହେଁ। ଏହା ସତ୍ତ୍ୱେ ବର୍ତ୍ତମାନ ପାଣିପାଗର ପ୍ୟାଟର୍ଣ୍ଣ ବଦଳିବା, ତାପମାତ୍ରା ବୃଦ୍ଧି, ଆର୍ଦ୍ରତା ବଢ଼ିବା ଏବଂ  ଅଙ୍ଗାରକାମ୍ଳର ସ୍ତର ବଢ଼ିବା ଯୋଗୁ କୁହାଯାଉଛି ଯେ ଏହାର ପରିସ୍ଥିତିକୀରେ ବିଭିନ୍ନ ପ୍ରକାରର ପ୍ରଭାବ ପଡ଼ିବ।

ନରେନ: ଆମ ପ୍ରଫେସର କହୁଥିଲେ ଯେ ୟୁଏନଡିପିର ମାନବ ବିକାଶ ରିପୋର୍ଟ ଅନୁସାରେ ଦକ୍ଷିଣ ଏସିଆରେ ୨୦୫୦ ମସିହା ବେଳକୁ ପାଣି ଅଭାବରେ ୨୫ କୋଟି ଲୋକ ପ୍ରଭାବିତ ହେବେ। ଜଳ ଉପଲବ୍ଧତା କମିବା ପାଇଁ ତାପମାତ୍ରା ବୃଦ୍ଧି, ବର୍ଷାର ପ୍ୟାଟର୍ଣ୍ଣ ବଦଳିବା ଏବଂ ପାଣିପାଗର ତୀବ୍ର ଘଟଣା ସବୁ ପ୍ରମୁଖ କାରଣ ହେବ।

ରାଜା:କିନ୍ତୁ ହିମପ୍ରବାହ ତ ତରଳୁଛି ନା?

ସାରିକା: ହଁ ରାଜା। ହିମପ୍ରବାହ ପରିବେଶ ଏବଂ ଜଳବାୟୁରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ନଈରେ ପାଣି ନିରନ୍ତର ଦେବାରେ ଏହା ଭୂମିକା ରହିଛି। ନଈ କୃଷି କାମରେ ଲାଗେ। ମୌସୁମୀ ବର୍ଷା ଛଡ଼ା ଭାରତ ଜଳସେଚନ ପାଇଁ ହିମାଳୟ ଉପରେ ବହୁତ ନିର୍ଭର କରେ। ପରିବେଶ ବଦଳିବା ଯୋଗୁ ହିମାଳୟର ଜଳ ସଂରଚନା ବହୁତ ବଦଳି ଗଲାଣି। ଫଳରେ ବର୍ଷାରେ ଅନିଶ୍ଚିତତା ଦେଖାଦେଉଛି, ଭୂତଳ ଜଳସ୍ତର ବି କମୁଛି।

ଅଜିମ:  ହିମାଳୟରେ ହିମପ୍ରବାହ କମିବା ଯୋଗୁ ସେଥିରୁ ବାହାରିଥିବା ନଈରେ ପାଣି କମୁଛି। ଅମ୍ଳଜାନ ବି କମୁଛି, ସେଥିପାଇଁ ପାଣିରେ

ଜଳଚର ଉଦ୍ଭିଦ ଆଉ ପ୍ରାଣୀ ଉପରେ ପ୍ରଭାବ ପଡୁଛି।

ରାଜା:ଅବଶ୍ୟ ମୁଁ ବି ତ ଲେଖିଥିଲି ଯେ ବର୍ଷାରେ ପରିବର୍ତ୍ତନ ଆସିବା ଯୋଗୁ ପାଣିପାଗ ବଦଳୁଛି। ଏହା ବନ୍ୟାର ବିପଦ ନେଇ ଆସିବ। ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ଏହାର ପ୍ରଭାବ କୃଷି ଉପରେ ପଡ଼ିବ। ୧୯୬୨ ଏବଂ ୧୯୮୮ ମସିହାରେ ବନ୍ୟା ଯୋଗୁ ପାଞ୍ଚଲକ୍ଷ ଟନ ଧାନ ଫସଲ ନଷ୍ଟ ହୋଇଯାଇଥିଲା। ପୂରା ଦେଶର ଖାଦ୍ୟ ଉତ୍ପାଦନର ଏହା ପ୍ରାୟ ଶତକଡ଼ା ୩୦ ଭାଗ।

ସାରିକା: ବାଃ, ଏବେ ଆମ ସାମ୍ବାଦିକ ମହାଶୟ ଠିକ କଥା କହିଲେ।

ନରେନ: ସାରିକା ଆଣ୍ଟି, ଏବେ ମୌସୁମୀ ବର୍ଷାରେ ବି ତ ଫରକ ଆସୁଛି...

ଅଜିମ: ତମେ ଠିକ କହିଲ ନରେନ। ଭାରତୀୟ କୃଷି ପାଇଁ ମୌସୁମୀ ଅତ୍ୟନ୍ତ ଜରୁରୀ। ସେଥିପାଇଁ ମୌସୁମୀ ବର୍ଷା କମ୍ ହେଲେ ଫସଲ ଉତ୍ପାଦନ କମ୍ ହେବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ। ଭଲ ଉତ୍ପାଦନ ପାଇଁ ଦରକାର ଠିକ ସମୟରେ ମୌସୁମୀ ଆସିବା।

ସାରିକା: ଉଦାହରଣ ସ୍ୱରୂପ, ଗତ କିଛିବର୍ଷ ଧରି ଛତିଶଗଡ଼ରେ ମେ ଏବଂ ଜୁନ ମାସରେ ହିଁ ଅଧାରୁ ଅଧିକ ବର୍ଷା ହୋଇଯାଉଛି। ଏହାର ପ୍ରଭାବ ଧାନ ଉତ୍ପାଦନ ଉପରେ ପଡୁଛି। କାରଣ ଯେତେବେଳେ ପାଣି ଦରକାର ସେତେବେଳେ ପାଣି ଗାୟବ।

ଅଜିମ: ଏଫଏଓ ମାନେ ଖାଦ୍ୟ ଏବଂ କୃଷି ସଂଗଠନର ରିପୋର୍ଟ ଅନୁସାରେ ବିଶ୍ୱ ସ୍ତରରେ ତିନି ଚତୁର୍ଥାଂଶ ଫସଲର ବିବିଧତା ତ ଆଗରୁ

ନଷ୍ଟ ହୋଇସାରିଛି। ଏସବୁ ଆନୁବଂଶିକୀ ବିବିଧତା ଆଣିବା ଯୋଗୁ ହେଉଛି। ଏହା ପ୍ରାକୃତିକ ପରିସ୍ଥିତିକୀ ଏବଂ ଘରୋଇ ଫସଲ ଦୁଇଟାର କ୍ଷତି କରୁଛି।

ରାଜା:ଆଚ୍ଛା ଅଜିମ କୁହ ତ, ବାସ୍ତବରେ କ'ଣ ଆମର ଖାଦ୍ୟ ସୁରକ୍ଷା ବିପଦରେ?

ଅଜିମ: ହଁ ରାଜା, ଆମ ଖାଦ୍ୟ ସୁରକ୍ଷା ଆମ ଜୀବନ ପୂରା ବିପଦରେ। ଜଳବାୟୁ ପରିବର୍ତ୍ତନ ଯୋଗୁ ନୂଆ ରୋଗ, କୀଟର ପ୍ରକୋପ ଆଦି ବଢୁଛି। ଜମିରେ ଅଗଛା ସମସ୍ୟା ବି ବଢୁଛି। କିନ୍ତୁ ଗୋଟିଏ ବଡ଼ ସମସ୍ୟା ହେଉଛି ପରାଗସଙ୍ଗମ କମିବା....

ନରେନ: ପରାଗସଙ୍ଗମ କମିବା?

ସାରିକା: ହଁ ନରେନ, ଭଲ ଉତ୍ପାଦନ ପାଇଁ ଆବଶ୍ୟକ ଉଚ୍ଚ କ୍ଷମତା ବାଲା ପରାଗସଙ୍ଗମ। ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ଯୋଗୁ ଫୁଲ ଧରିବା ସମୟ ବଦଳିଯାଇପାରେ। ଫଳରେ ଧାନ ଉତ୍ପାଦନ ଉପରେ କୁପ୍ରଭାବ ପଡ଼ିପାରେ।

ଅଜିମ: ବୈଜ୍ଞାନିକମାନେ ଏହା ଉପରେ ଅଧିକ ଗବେଷଣା କରିଛନ୍ତି। ସେମାନେ ଦେଖିଛନ୍ତି ଯେ ଯଦି ତାପମାତ୍ରା ମାତ୍ର ଘଣ୍ଟେ ଦୁଇଘଣ୍ଟା ପାଇଁ ବି ବଢ଼ିଯାଏ ତେବେ ଧାନ ପରାଗସଙ୍ଗମରେ ନପୁଂସକତା ଆସିଯାଏ। ବିଶେଷ କରି ବାସମତୀ ଚାଉଳ ଅଧିକ ପ୍ରଭାବିତ ହୁଏ।

ସାରିକା: ଠିକ କହିଛ ଅଜିମ। ଅନ୍ୟ ପଟରେ ଗହମ କ୍ଷେତ୍ରରେ ତାପମାତ୍ରା

କମିଯିବା ଅସୁବିଧା କରେ। ପରିବେଶରେ ହେଉଥିବା ପରିବର୍ତ୍ତନ ଯୋଗୁ ତାପମାତ୍ରା କମ୍ ବେଶୀ ହେବା ଯୋଗୁ ଉତ୍ପାଦନ ଉପରେ ଏହାର ପ୍ରଭାବ ପଡୁଛି। ଗୋଟିଏ ଆକଳନରୁ ଜଣାଯାଇଛି ଯେ ୨୦୫୦ ମସିହା ବେଳକୁ ଗହମ ଉତ୍ପାଦନ ଶତକଡ଼ା ୫୦ ଭାଗ, ଧାନ ଉତ୍ପାଦନ ୧୭ ଭାଗ ଏବଂ ମକା ଉତ୍ପାଦନ ଶତକଡ଼ା ୬ ଭାଗ କମିଯିବ।

ଅଜିମ: ଏହା ଫଳରେ ଦକ୍ଷିଣ ଏସିଆର ପ୍ରାୟ ପନ୍ଦର କୋଟି ଲୋକ ଖାଦ୍ୟସୁରକ୍ଷାର ବିପଦ ଭିତରକୁ ଆସିଯିବେ। ତାପମାତ୍ରା ୦.୫ ଡିଗ୍ରୀରୁ ଆରମ୍ଭ କରି ୧.୨ ଡିଗ୍ରୀ ଯାଏଁ ବଢ଼ିଲେ ବି ଉତ୍ପାଦନ ବହୁତ ପରିମାଣରେ କମିଯିବ।

ରାଜା:ଆଁ... କେତେ କମିବ... ଗହମ ଶତକଡ଼ା ୫୦ ଭାଗ...

ନରେନ: ୨୦୫୦ ମସିହା ବେଳକୁ...

ରାଜା:ଯାହାହେଉ, ଆମ ଜୀବନ ତ କଟିଯିବ, ଏବେ ପୁଅ ତତେ ହିଁ ଝେଲିବାକୁ ହେବ।

ସାରିକା: ଏହାହିଁ ହେଉଛି ସମସ୍ୟାର ମୂଳ। ସମସ୍ତେ ଭାବୁଛନ୍ତି ଯେ ଆମ ସମୟ ତ ଚାଲିଯିବ, ବାକି ତ ଆଗାମୀ ପିଢ଼ି ସହିବେ। ଆରେ ଯଦି ଆମ ପୂର୍ବପୁରୁଷ ଭାବିଥାନ୍ତେ ତେବେ ଆମ ଅବସ୍ଥା ଏମିତି ହୋଇ ନ ଥାନ୍ତା... ଏମିତି ବିଷାକ୍ତ ପବନକୁ ନିଶ୍ୱାସରେ ନିଅନ୍ତେ ନାହିଁ।

ରାଜା:ଆରେ ସାରିକା, ଏ ମୋର ନୁହେଁ, ମାନବ ସଭ୍ୟତାର ସମସ୍ୟା। ପୂରା ମାନବ ସମାଜ ସ୍ୱାର୍ଥପର ଆଉ ଲୋଭୀ। ନିଜ କାମ ହୋଇଗଲେ

ବାକିଙ୍କୁ କିଏ ପଚାରେ। ମୁଁ ଭାବୁଛି ଏ ହୋମୋ ସାପିଏନ୍ସ୍ ହିଁ ସବୁ ସମସ୍ୟାର ମୂଳ। ଏବେ ଏହାର ବିଲୁପ୍ତ ହେବାର ସମୟ ଆସିଗଲା।

ଅଜିମ: ତମ କଥା ତ ଠିକ ରାଜା। କିନ୍ତୁ ହୋମୋ ସାପିଏନ୍ସ୍ ପ୍ରକୃତିର ସବୁଠାରୁ ଶ୍ରେଷ୍ଠ ରଚନା, ଅନେକ ଭୁଲ କରି ସେ ଏହାକୁ ତିଆରି କରିବା ଶିଖିଛି ଆଉ ଅନେକ ଚମତ୍କାର କାମ ବି କରିଛି। ସବୁଠାରୁ ବଡ଼ କଥା ହେଉଛି ସେ କୌଣସି ପରିସ୍ଥିତିରେ ବି ହାର୍ ମାନେନାହିଁ।

ସାରିକା: ଠିକ କହିଛ ଅଜିମ। ପ୍ରତି ଗବେଷଣା ଯଦି କୌଣସି ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରୁଛି, ସମାଧାନ ବି ଆଣୁଛି। ଦେଖ, ଉତ୍ତର ପ୍ରଦେଶ, ପଞ୍ଜାବସ ହରିୟାଣାରେ ଗୋଟିଏ ଡିଗ୍ରୀ ତାପମାତ୍ରା ବଢ଼ୁଛି ତେବେ ଗହନ ଉତ୍ପାଦନ କମିଯାଉଛି।

ସାରିକା: ତାପମାତ୍ରା ବଢ଼ିବା ଯୋଗୁ ପରିବା ଫସଲ ବି ପ୍ରଭାବିତ ହେଉଛି। ଅଙ୍ଗାରକାମ୍ଳର ପରିମାଣ ବଢ଼ିଲେ ପିଆଜ ଉତ୍ପାଦନ ପ୍ରଭାବିତ ହୋଇଥାଏ।

ନରେନ: ଓହୋ ତାହେଲେ ଅଙ୍ଗାରକାମ୍ଳର ସ୍ତର ବଢ଼ିବା ଲାଭଦାୟକ ବି ହୁଏ।

ଅଜିମ: ହଁ ନରେନ ଅଙ୍ଗାରକାମ୍ଳ ସ୍ତର ବଢ଼ିଲେ ବିଲାତି ବାଇଗଣ ଉତ୍ପାଦନ ଅଧିକ ହୁଏ। ଫଳ ଉତ୍ପାଦନ ବି ବଢ଼େ। ଏହି ସ୍ତର ବଢ଼ିଲେ ଗଛ ପ୍ରତି ଫଳ ସଂଖ୍ୟା ଅଧିକ ହୁଏ।

ସାରିକା: ହଁ ଠିକ କଥା, କିନ୍ତୁ ମନେରଖ, ଏହା ସମ୍ଭବ ହେବ ଯେତେବେଳେ

ପାଣି ଉପଲବ୍ଧ ହେବ, ମାଟି ଉର୍ବର ଥିବ। ବିଶ୍ୱ ଉଷ୍ମାୟନ ଯୋଗୁ ଯଦି ଅଙ୍ଗାରକାମ୍ଳ ସ୍ତର ବଢ଼ୁଛି ବାକି କାରକ ବି ବଦଳି ଯାଉଛି। ସେଥିପାଇଁ ଉତ୍ପାଦନ ଅଧିକ ହେବ କିଛି ମାନେ ନାହିଁ।

ଅଜିମ: ଠିକ କହିଛ, ଏବେ ଦେଖ, ହିମାଚଳ ପ୍ରଦେଶରେ ସେଓ ଉତ୍ପାଦନ କମିବାର ମୁଖ୍ୟ କାରଣ ହେଉଛି ପରିବେଶ ବଦଳିବା। ସେଓ ଫଳ ଗରମ ଦିନରେ ବିକଶିତ ହୁଏ। ତା ସହିତ ଥଣ୍ଡା ଦିନ ପାଇଁ ସେ ତା'ର ପ୍ରସ୍ତୁତି କରିନିଏ।

ରାଜା:ଦେଖ, ମୁଁ ବୁଝିଗଲିଣି ଯେ ବିପଦ ବହୁତ ବଡ଼ ଏବଂ ଆମ ସମସ୍ତଙ୍କୁ ମିଳିମିଶି ଏହାର ମୁକାବିଲା କରିବାକୁ ହେବ। ବଡ଼ କଥା ହେଉଛି ଏବେ ସମାଧାନ ରହିଛି ଆଉ ସମସ୍ତଙ୍କୁ ଏହି ସମାଧାନ ସଫଳ କରିବା ଦିଗରେ କାମ କରିବା ଦରକାର।

ସାରିକା: ଆରେ ଆଲୋଚନା ସାରିଦେଲ, ତା ମାନେ ଆମକୁ ଘରୁ ତଡ଼ିବା ବ୍ୟବସ୍ଥା କରୁଛି।

ରାଜା:ଆରେ ନାଇ ନାଇ, ରମା ଏବେ ବଜାରରୁ ଫେରୁଥିବ। ତାକୁ ଭେଟିବା ପରେ ଯିବ।